## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଛକରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡଙ୍ଗାପାଲ ବାହାଡାପଡା ଗ୍ରାମର ଶୁକ୍ରୁ ମୁଣ୍ଡା (୩୦)। ସୂଚନା ମୁତବକ କୌଣସି କାମରେ ଶୁକ୍ରୁ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ହଠାତ୍ ବର୍ଷା ଓ ପବନ ହେବାରୁ ସେ ବ୍ଲକ ଛକ ଏକ ଦୋକାନରେ ସମ୍ମୁଖରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ସେ ଅଚେତ ହୋଇପଡିଥିଲେ। ପରବାର ଲୋକେ ତାଙ୍କୁ ଯୁଯୁମୁରା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁଯୁମୁରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ସଂକ୍ଷେପରେ**

### ଜଗନ୍ନାଥପ୍ରସାଦ ଗ୍ରାମର ୨ ସାହି କଣ୍ଟେନ୍‌ମେଣ୍ଟ ଜୋନ

**ନାକଟିଦେଉଳ,୨୦।୭(ଡି.ଏନ.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମର ୨ ସାହିକୁ ପ୍ରଶାସନ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛି। ଜଗନ୍ନାଥପ୍ରସାଦ ଗ୍ରାମରେ କିଛିଦିନ ହେଲା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମରେ ଆଜି ପର୍ଯ୍ୟନ୍ତ ୪୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୭ଜଣ ସକ୍ରିୟ ଥିବାବେଳେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ଜିଲା ପ୍ରଶାସନ ମଙ୍ଗଳବାର ଗ୍ରାମର ମହାଜନ ସାହି ଓ ରଥ ସାହିକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଏବଂ ମେହେର ସାହି, ଦେହୁରି ସାହି, ପ୍ରଧାନ ସାହି, ମାଝି ସାହିକୁ ବଫର ଜୋନ ଭାବେ ଘୋଷଣା କରିଛି। ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା ତାଙ୍କ କାର୍ଯ୍ୟାଳୟର ଚିଠି ନଂ ୭୨୪୯/ତା୧୯।୭।୨୧ ରିଖରେ ଏହି ଘୋଷଣାନାମା ଜାରି କରିବା ସହ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଗଞ୍ଜେଇ ଭର୍ତ୍ତି ମିନିଟ୍ରକ୍ ଜବତ, ୨ ଅଟକ

**ରେଢାଖୋଲ,୨୦।୭(ଡି.ଏନ.ଏ.):** ରେଢାଖୋଲ ସହରର ବୌଦ୍ଧ ରାସ୍ତାରୁ ସୋମବାର ବିଳମ୍ବିତ ରାତିରେ ରେଢାଖୋଲ ପୋଲିସ ଏକ ଟାଟା ଆଇଚର ମିନିଟ୍ରକ୍‌ରେ ଚୋରା ଚାଲାଣ ହେଉଥିବା ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଗାଡିରେ ଥିବା ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଘଟଣାର ମୁଖ୍ୟଙ୍କୁ ପୋଲିସ ଖୋଜୁଥିବା ଜଣାପଡିଛି। ହେଲେ ଏ ନେଇ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ଗାଡିରେ ଗଞ୍ଜେଇ ନ ଥିବା କହିଥିବା ବେଳେ ଗାଡିକୁ ଥାନାରେ ରଖାଯାଇଥିବା କହିଛନ୍ତି। ତେବେ ଗାଡିରେ ଯଦି କିଛି ନ ଥିଲା ପୋଲିସ ଗାଡିକୁ ଥାନାରେ ରଖିବା ସହ ୨ଜଣଙ୍କୁ ଅଟକ ରଖିଛି କାହିଁକି ବୋଲି ସହରରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ ବୌଦ୍ଧ ପଟରୁ ମିନିଟ୍ରକ୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ସହରର ପୋଷ୍ଟଅଫିସ ଛକରେ ଜଗି ରହିଥିଲା। ମିନିଟ୍ରକ (ଓଆର ୦୨ବିକେ-୩୭୬୮) ଆସିବା ପରେ ପୋଲିସ ଚଢାଉ କରି ଜବତ କରିଥିଲା।

### ନୂତନ ରେଳପଥ ନିର୍ମାଣ ଦାବି

**ଦେବଗଡ଼,୨୦।୭(ଡ଼ି.ଏନ୍.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ସିନ୍ଧୁପାଲି ଗ୍ରାମର ୟୁଥ୍ କ୍ଲବ ତରଫରୁ ପାରାଦ୍ୱୀପ ଏବଂ ଧାମରା ଭାୟା କୁଚିଣ୍ଡା, ଦେବଗଡ଼ ଦେଇ ଏକ ନୂତନ ରେଳ ଲାଇନ୍ ପାଇଁ ଏକ ଦସ୍ତଖତ ଅଭିଯାନ କରାଯାଇଛି। ଉକ୍ତ ଦସ୍ତଖତକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପାଖକୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି। ଉକ୍ତ ରେଳଲାଇନ୍ ହେଲେ ଏ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଏହି ଅବସରରେ ୟୁଥ୍ କ୍ଲବ ସଭାପତି ଦୀପକ ଗରିଆଙ୍କ ନେତୃତ୍ୱରେ ପାଣ୍ଡବ ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା କୃତିବାସ ପ୍ରଧାନ, ମିଲୁ ସ୍ୱାଇଁ, ରଞ୍ଜିତ କୁମାର ପ୍ରଧାନ, ଲକ୍ଷ୍ୟବଚ୍ଚ ବେହେରା ଓ ଗ୍ରାମବାସୀ କହିଛନ୍ତି। ସେହିପରି ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାକରମୁଣ୍ଡା ଗ୍ରାମର ମହାଲକ୍ଷ୍ମୀ କ୍ଲବ ପକ୍ଷରୁ ବିଶ୍ୱନାଥ ପ୍ରଧାନ, ବିଷ୍ଣୁ ବଣିଚୋଳ, ତରୁଣ କୁମାର ସାମଲଙ୍କ ସମେତ ଗ୍ରାମବାସୀ ମଧ୍ୟ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୂପ ଦରଖାସ୍ତ ପଠାଇଛନ୍ତି।

### ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ପାଳନ

**ରିଆମାଲ,୨୦।୭ (ଡ଼ି.ଏନ୍.ଏ.):** ଦେବଗଡ଼ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ରିଆମାଳ ବ୍ଲକ ଅନ୍ତର୍ଗତ ଖିଲେଇ ଠାରେ ମଙ୍ଗଳବାର ସ୍ୱଚ୍ଛତା ପଖୱାଡ଼ା ପାଳିତ ହୋଇଯାଇଛି। ଏହି ଅବସରରେ ଖିଲେଇ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଜନଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ହୃଷୀକେଶ ସାହୁ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଲକ୍ଷ୍ୟ, ଉଦ୍ଦେଶ୍ୟ, ପରିଚାଳନା ଓ ବର୍ଜ୍ୟବସ୍ତୁର କୁପ୍ରଭାବ ଉପରେ ଆଲୋଚନା କରିଥିଲେ। ସେହିପରି ବ୍ୟବହାର ଅନୁପଯୋଗୀ ଜିନିଷର କିପରି ସୁବିନିଯୋଗ କରି ପୁନଃ ବ୍ୟବହାର କରାଯାଇପାରିବ ତାହା ଉପରେ ସରପଞ୍ଚ ସାହୁ ଆଲୋକପାତ କରିଥିଲେ। ସେହିପରି ୱାର୍ଡ଼ସଭ୍ୟ ବିପିନ ବିହାରୀ ସାହୁ ପ୍ଲାଷ୍ଟିକ୍ ବୋତଲ ଓ ପଲିଥିନ ପୁନଃ ବ୍ୟବହାର ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଜନଶିକ୍ଷଣ ସଂସ୍ଥାନର କ୍ଷେତ୍ର ସଂଯୋଜିକା ସଫିରା ଟପ୍ପୋ କେତେକ ବ୍ୟବହାର ଅନୁପଯୋଗୀ ଜିନିଷରେ ବିଭିନ୍ନ ସୌନ୍ଦର୍ଯ୍ୟ ଉପକରଣମାନ ତିଆରି ହୋଇପାରୁଛି ତାହାର ନମୁନା ଉପସ୍ଥାପନ କରିଥିଲେ। ସେହିପରି ଅଂଶଗ୍ରହଣକାରୀ ମଧ୍ୟ ବିଭିନ୍ନ ଉଦାହରଣମାନ ଉପସ୍ଥାପନ କରିଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା

**ସମ୍ବଲପୁର,୨୦।୭(ବ୍ୟୁରୋ)**

ସମ୍ବଲପୁରର ବିଭିନ୍ନ ମନ୍ଦିରରେ ନିରାଡମ୍ବର ଭାବେ ପବିତ୍ର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ୭ଦିନ ଧରି ଗୁଣ୍ଡିଚା ଘରେ ରହିଥିଲେ। ସେଠାରେ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମଙ୍ଗଳବାର ଆଷାଢ ଶୁକ୍ଳ ଦଶମୀ ତିଥିରେ ବାହୁଡ଼ାରେ ଠାକୁର ରଥାରୂଢ଼ ହୋଇଥିଲେ। ଝାଡୁଆପଡ଼ାର ଶ୍ରୀ ବ୍ରହ୍ମପୁରା ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତି ପ୍ରାତଃ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ବାହାରିଥିଲେ। ବିଗ୍ରହମାନଙ୍କୁ ରଥାରୂଢ଼ କରାଯିବା ପୂର୍ବରୁ ପହଣ୍ଡି ବିଜେ ନୀତି ହୋଇଥିଲା ସହରର ୨୫ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆୟୋଜନ କରାଯାଇଛି। ରଥାରୂଢ଼ ବିଗ୍ରହମାନଙ୍କୁ ଦର୍ଶନ କରିବା ସକାଶେ ରଥଗୁଡିକ ପାଖରେ ଅଳ୍ପ ସଂଖ୍ୟକ ପୂଜକ, ସେବକ ଓ ଭକ୍ତ ଉପସ୍ଥିତ ଥିଲେ। ବାହୁଡ଼ା ଯାତ୍ରା ପ୍ରାରମ୍ଭରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳ ଆରତୀ ନୀତି ହୋଇଥିଲା। ଆଜି ଦଶମୀ ଓ ଏକଦଶୀ ତିଥି ଥିବାରୁ ମନ୍ଦିର ପରିସରରେ ବିଗ୍ରହମାନଙ୍କ ସ୍ୱତନ୍ତ୍ର ପୂଜାନୀତି କରାଯାଇଥିଲା। କରୋନା ନିୟମକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ସାମାଜିକ ଦୂରତା ଅନୁସରଣ କରାଯାଇଥିଲା। ଏପରି କି ପ୍ରତୀକାତ୍ମକ ଭାବେ ବିଗ୍ରହଙ୍କ ପହଣ୍ଡି ଓ ରଥ ଟଣା ବଦଳରେ ରଥ ସ୍ପର୍ଶ କରାଯାଇଥିଲା। ବୁଧବାର ବ୍ରହ୍ମପୁରାଙ୍କ ସମେତ ବିଭିନ୍ନ ମନ୍ଦିର



ସମ୍ବଲପୁର ବ୍ରହ୍ମପୁରା ଠାକୁରଙ୍କ ପହଣ୍ଡି ବିଜେ।

ସମ୍ମୁଖରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବ୍ରହ୍ମପୁରା, ଦଧିବାମନ, ହୋତାପଡ଼ା, ସତ୍ୟବାଦୀ, ମଦନମୋହନ, ଯଜ୍ଞବରାହ, ମୁଦିପଡ଼ା, ଟିମିନି, ଧନୁପାଲି, ବାଲିବନ୍ଧାର ଗୋପାଳଜୀ, ସାକ୍ଷୀପଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ଭତରା, ବୁଢ଼ାରଜା, ଧନକଉଡ଼ାଠାରେ ରଥଯାତ୍ରା ହେଉଛି। ସେହିପରି ଜିଲାର ବିଭନ୍ନ ଗ୍ରାମ ଓ ସହରରେ ମଧ୍ୟ ଦଶମୀ ରଥଯାତ୍ରା ପାଳନ କରାଯାଇଛି । ତେଣୁ ବାହୁଡ଼ା ରଥ ଯାତ୍ରାକୁ ଅଞ୍ଚଳରେ ଦଶମୀ ରଥ କୁହାଯାଏ । ବୁଧବାର ସନ୍ଧ୍ୟାରେ ଲକ୍ଷ୍ମୀ–ନାରାୟଣ ଭେଟ ଓ ମହାଆଳତି ଉତ୍ତାରୁ ଚତୁର୍ଦ୍ଧା ମୂର୍ତ୍ତି ଗମ୍ଭୀରା ବିଜେ କରିବେ। କିନ୍ତୁ ଜିଲାର ବିଭିନ୍ନ ମନ୍ଦିରରେ ପୂର୍ଣ୍ଣିମା ଦିନ ପର୍ଯ୍ୟନ୍ତ ଠାକୁର ରଥରେ ପୂଜା ପାଇବା ପରେ ସ୍ୱ-ଗମ୍ଭୀରାରେ ବିଜେ କରିବା ପରମ୍ପରା ରହିଛି । ପଶ୍ଚିମ ଓଡିଶାର ରଥ ଛୁଆଁ ପରମ୍ପରା କରୋନା କଟକଣା ଯୋଗୁ କାଁ ଭାଁ ଦେଖିବାକୁ ମିଳିଥିଲା।

## ମୁଦିପଡ଼ା ଠାକୁରଙ୍କ ସୁନାବେଶ



ମୁଦିପଡ଼ା ଠାକୁରଙ୍କ ସୁନାବେଶ।

**ସମ୍ବଲପୁର,୨୦।୭(ବ୍ୟୁରୋ)**

ସମ୍ବଲପୁର ମୁଦିପଡା ଠାକୁରଙ୍କ ମଙ୍ଗଳବାର ପ୍ରାତଃରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବାହୁଡା ଯାତ୍ରାରେ ଠାକୁରଙ୍କୁ ରଥାରୂଢ କରାଯାଇ ମନ୍ଦିର ସମ୍ମୁଖରେ ସୁନାବେଶ କରାଯାଇଥିଲା। ଅପରାହ୍ନରେ ଭକ୍ତମାନେ ଦୂରରେ ରହି ଏହି ବେଶ ଦର୍ଶନ କରିଥିଲେ। ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ପୂଜାର୍ଚ୍ଚନା ଓ ହୋମ କରିଥିଲେ। ପଣ୍ଡିତ ଜୟଗୋପାଳ ସୁଆର, ଅବିନାଶ ପଣ୍ଡା, କୁଲୁ ଶର୍ମା, ଜିତେନ୍ଦ୍ର ଦଲେଇ, ସନ୍ତୋଷ ବାରିକ, ସୌମ୍ୟରଞ୍ଜନ ସ୍ୱାଇଁ ଠାକୁରଙ୍କ ବେଶ କରିଥିଲେ। ଲକ୍ଷ୍ମୀନାରାୟଣ କଳି ନୀତି ହେବାପରେ ଠାକୁର ଭିତିରିବିଜେ କରିଥିଲେ।

## ନୂଆବର୍ଷରେ କାର୍ଯ୍ୟକ୍ଷମ ହେବ ଜିଏମ୍‌ୟୁ ପ୍ରେକ୍ଷାଳୟ

**ସମ୍ବଲପୁର,୨୦।୭ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅମୃତ ବିହାରଠାରେ ଅତ୍ୟାଧୁନିକ ପ୍ରେକ୍ଷାଳୟ ନିର୍ମାଣ ଚାଲିଛି । ଆସନ୍ତା ଡିସେମ୍ବର ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇ ୨୦୨୨ ଜାନୁୟାରୀରେ କାର୍ଯ୍ୟକ୍ଷମ ହେବ। ସମ୍ପ୍ରତି ସିଭିଲ ନିର୍ମାଣ କାମ ୯୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଆଭ୍ୟନ୍ତରୀଣ ଓ ସାଜସଜ୍ଜା କାମ ଚାଲିଛି। ୧୦ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ପ୍ରକଳ୍ପରେ ୧୨ ଶହ ସିଟ୍ ରହିବ। ବିଶ୍ୱବିଦ୍ୟାଳୟ ସମ୍ମୁଖ ଡାହାଣ ପାର୍ଶ୍ୱରେ ଥିବା ୨୦ ହଜାର ୬୧୧ ବର୍ଗଫୁଟ ପରିମିତ ଜମିରେ ଏହା ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ୧୫ଶହ ବଗଫୁଟ ଜମିକୁ ପାର୍କିଂ ସକାଶେ ଉପଯୋଗ କରାଯିବ। ବିଶ୍ୱବିଦ୍ୟାଳୟ ଉପକୁଳପତି ଡ. ଉମା ଚରଣ ପତି କହିଛନ୍ତି, ମୁଖ୍ୟ ପ୍ରେକ୍ଷାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପାର୍କିଂ ସ୍ଥାନ ବିକାଶ, ସମ୍ମୁଖ ଭାଗ ସୌନ୍ଦର୍ଯ୍ୟକରଣ କରାଯିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏହି ପ୍ରେକ୍ଷାଳୟ ସକାଶେ ଅନୁଦାନ ମଞ୍ଜୁର କରିଛି। ସୂଚନାଯୋଗ୍ୟ ୧୯୪୪ରେ ଐତିହାସିକ ଶିକ୍ଷାନୁଷ୍ଠାନ ଶୁଭାରମ୍ଭ ହୋଇଥିଲା। ୨୦୧୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ସମ୍ପ୍ରତି ଜିଏମ୍‌ୟୁରେ ୨୩ଟି ବିଭାଗ ରହିଥିବାବେଳେ ପ୍ରାୟ ୬ ହଜାର ଛାତ୍ରୀଛାତ୍ର ଅଧ୍ୟୟନ ରତ।

## ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ସମ୍ବଲପୁର,୨୦।୭(ବ୍ୟୁରୋ)**

**୬ ବାଇକ୍, ଟଙ୍କା ଜବତ**

ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାର ତଦନ୍ତ କରିବା ସମୟରେ ବାଇକ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି। ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୬ ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଯୁଯୁମୁରା ଥାନା ବେହେରେନବସା ଗ୍ରାମର ସାଲେଗ୍ରାମ ପ୍ରଧାନ (୩୫), ସଦର ଥାନା ଗମ୍ଭାରକଟାର ସହଦେବ ମୁଣ୍ଡା (୨୮) ଓ କତରବଗା ଥାନା କଦଳୀପିଟା ଗ୍ରାମର ମହାଦେବ ଖଡିଆ (୨୩)। ଏମାନଙ୍କ ନିକଟରୁ ୩୨୩୦ ଟଙ୍କା, ୩ ମୋବାଇଲ ଫୋନ, ବିଭିନ୍ନ କମ୍ପାନୀର ୬ ବାଇକ ଓ ସ୍କୁଟି ଜବତ ହୋଇଛି। ଏ ନେଇ ଥାନାରେ କେସ୍ ନଂ୫୯/୨୧ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, ଜୁଲାଇ ୨ରେ ଅନ୍ନପୂର୍ଣ୍ଣା ମାଇକ୍ରୋ ଫାଇନାନ୍ସ କମ୍ପାନୀ କର୍ମଚାରୀ ଜଗଦୀପ ସୁତାରଙ୍କଠାରୁ ୬୫ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ହୋଇଥିଲା। ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସାଲେଗ୍ରାମଙ୍କୁ ଅଟକ ରଖି ପଚରାଉଚରା ପରେ ଲୁଟ ଘଟଣାରେ ମହାଦେବ ଓ ସହଦେବଙ୍କୁ ଗିରଫ କରିଥିଲା। ଲୁଟ୍‌ରେ ବ୍ୟବହୃତ ବାଇକ୍ ଜବତ ପରେ ଏହା ଚୋରି ବାଇକ୍ ବୋଲି ଜଣାପଡିଥିଲା। ପରେ ସେମାନଙ୍କଠାରୁ ସୂଚନା ପାଇ ପୋଲିସ ସଦର ଥାନା ବାହାମ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ୬ ବାଇକ୍ ଜବତ କରିଥିଲା। ଉକ୍ତ ବ୍ୟକ୍ତିଙ୍କ ପାଖରେ ଅଭିଯୁକ୍ତମାନେ ବାଇକ୍ ବନ୍ଧକ ରଖି ଟଙ୍କା ନେଇଥିଲେ।

## ନାବାଳିକା ବଳାତ୍କାର ମାମଲାରେ ଯୁବକ ଗିରଫ

**ଝାରସୁଗୁଡା ଅଫିସ୍,୨୦।୭**

ନବାଳିକା ବଳାତ୍କାର ମାମଲାରେ କୋଲାବିରା ପୋଲିସ୍ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସାଜନ ଖଡିଆ(୨୨)। ଅଭିଯୋଗକ୍ରମେ ଝାରସୁଗୁଡା ବ୍ଲକ୍ ଅଞ୍ଚଳର ୧୭ବର୍ଷୀୟ ନାବାଳିକାଙ୍କୁ ଯୁବକ ଜଣଙ୍କ ନେଇ ୨ମାସ ହେଲା ନିଜ ଘରେ ରଖିଥିଲେ। ଖବରପାଇ ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା, ସଦସ୍ୟା ଜ୍ୟୋସ୍ନା ପ୍ରଧାନ, କୋଲାବିରା ସିଡିପିଓ ହେଲେନ ପୁଣ୍ୟବତୀ ଖେସ୍ ପ୍ରମୁଖ ଯୁବକଙ୍କ ଘରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଚାଇଲ୍ଡ ଲାଇନ୍ ଅଧିକାରୀ ନାବାଳିକାଙ୍କୁ ପଚରାଉଚରା ପରେ ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଜଣାପଡିଥିଲା। ଏ ନେଇ କୋଲାବିରା ସିଡିପିଓ ଓ ଚାଇଲ୍ଡ ଲାଇନ୍ ତରଫରୁ କୋଲାବିରା ଥାନାରେ ଲିଖିତ ଅଭିଯୋଗ ହୋଇଛି।

## ଆଇଆଇଏମ୍‌ରେ ସପ୍ତମ ଅନୁଷ୍ଠାପନା ଦିବସ

**ସମ୍ବଲପୁର,୨୦।୭(ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ୍ ସପ୍ତମ ବ୍ୟାଚର ଅନୁଷ୍ଠାପନା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୟୁଆଇଡିଏଆଇ (ଆଧାର) ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ସୌରଭ ଗର୍ଗ ଯୋଗ ଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ, କୋଭିଡ୍ ମହାମାରୀ ସମୟରେ ମ୍ୟାନେଜମେଣ୍ଟ କ୍ଷେତ୍ରରେ ବିରାଟ ଆହ୍ୱାନ ସୃଷ୍ଟି ହୋଇଛି। ଏହାକୁ ଗ୍ରହଣ କରି ବିକାଶର ନୂତନ ଦିଗ ଖୋଜିବା ଦିଗରେ ନେତୃତ୍ୱ ନେବାକୁ ପଡିବ। ଆଇଆଇଏମ୍ ସମ୍ବଲପୁରରେ ଅଧିକ ସୁଯୋଗ ରହିଛି। ଏଡ୍‌ସର ସହ ପ୍ରତିଷ୍ଠାତା ଲଳିତ ଗୁପ୍ତା ମୁଖ୍ୟବକ୍ତା ଭାବେ ଯୋଗେଦେଇ ବୈଷୟିକ ଜ୍ଞାନ କୌଶଳରେ ପ୍ରବନ୍ଧନ କ୍ଷେତ୍ରକୁ ନୂତନ ଦିଶା ଦେବାକୁ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଥିଲେ, ସମ୍ବଲପୁର ଆଇଆଇଏମ୍ ପାଠ୍ୟକ୍ରମଠାରୁ ଆରମ୍ଭ କରି ନିଯୁକ୍ତି, ଟ୍ରେନିଂ କ୍ଷେତ୍ରରେ ବେଶ ସଫଳତା ହାସଲ କରିଛି। ସୂଚନାଯୋଗ୍ୟ ଏହି ଅନୁଷ୍ଠାନରେ ଏମ୍‌ବିଏ ପ୍ରଥମ ବର୍ଷରେ ୪୯% ଛାତ୍ରୀ ନାମ ଲେଖାଇଥିଲେ। ଗତବର୍ଷ ୪୮% ଓ ଚଳିତବର୍ଷ ମଧ୍ୟ ୪୮ ପ୍ରତିଶତ ଛାତ୍ରୀ ନାମ ଲେଖାଇଛନ୍ତି। ଛାତ୍ରୀ ସଂଖ୍ୟା ଭଲ ରହୁଥିବାରୁ ଅନୁଷ୍ଠାନ ପାଇଁ ଶୁଭ ସଙ୍କେତ ବୋଲି ମତ ପ୍ରକାଶ ପାଇଥିଲା।



ଆଇଆଇଏମ ଅନୁଷ୍ଠାପନା ସମାରୋହକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ଛାତ୍ରୀ ସଂଖ୍ୟା ବୃଦ୍ଧି ପାଇବା ଶୁଭ ସଙ୍କେତ**

## ୧୦ ହାଇସ୍କୁଲର ରୂପାନ୍ତରୀକରଣ ହେବ



ଜିଲାପାଳଙ୍କ ଉପସ୍ଥିତିରେ ଜଣେ ଛାତ୍ରୀ ଭର୍ଚୁଆଲରେ ୫-ଟି ସଚିବଙ୍କ ସହ କଥା ହେଉଛନ୍ତି ।

**ରାଉରକେଲା,୨୦।୭**

ରାଉରକେଲାର ୧୦ଟି ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପର୍କରେ ୫ଟି ସଚିବ ଭି. କେ. ପାଣ୍ଡିଆନ ମଙ୍ଗଳବାର ସୁନ୍ଦରଗଡ଼ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ୍‌ରେ ଆଲୋଚନା ବେଳେ ଜିଲାପାଳ ନିଖିଲ ପବନ କଲ୍ୟାଣ, ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ସଚିବ ସିଧାସଳଖ କଥା ହୋଇଥିଲେ। ୫ଟି ଅଧୀନରେ ହାଇସ୍କୁଲଗୁଡିକୁ ନୂଆ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି। ଏଠାରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ହେବା ସହିତ ସେମାନଙ୍କ ଭବିଷ୍ୟତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ରାଉରକେଲା ମହାନଗର ନିଗମ କମିଶନର ପରିଡା କହିଛନ୍ତି। ଏହି ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଲାଠିକଟା ବିଡିଓ ପ୍ରଶାନ୍ତ ତରାଇ, ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଡକ୍ଟର ଗୌରବମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଶ୍ରା ବ୍ଲକରେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୁଧାଂଶୁ ଭୋଇ ଏବଂ ସୀତାଦେବୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ ଜିଲାରେ ମୋଟ ୫୦ଟି ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଛି। ସେଥିମଧ୍ୟରେ ରାଉରକେଲାର ୧୦ଟି ହାଇସ୍କୁଲ ରହିଛି।

## ଏଫ୍‌ସିଆଇ ବିରୋଧରେ ବିଜେଡିର ବିକ୍ଷୋଭ

**ସମ୍ବଲପୁର ,୨୦।୭(ବ୍ୟୁରୋ)**

କେନ୍ଦ୍ର ନିୟନ୍ତ୍ରଣରେ ଥିବା ଏଫ୍‌ସିଆଇ ପରୋକ୍ଷରେ ଚାଷୀକୁ ଶୋଷଣ କରୁଛି। ମଙ୍ଗଳବାର ଜିଲା ବିଜେଡିର ନେତା ଓ କର୍ମୀମାନେ ସମ୍ବଲପୁର ଜିଲାର ବିଭିନ୍ନ ଏଫ୍‌ସିଆଇ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଭାଜପା ବିରୋଧରେ ବର୍ଷିଛନ୍ତି। ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ସବୁ ସମୟରେ ଚାଷୀକୁଳଙ୍କୁ ଠକିଚାଲିଛନ୍ତି। ୨୦୦୩ରୁ ଧାନ ସଂଗ୍ରହ ନୀତିକୁ ଆପଣେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କ ଧାନ ସଂଗ୍ରହ କରିଥିଲେ। ରାଜ୍ୟ ସରକାରଙ୍କ ଆହୁରି ୬୫୭୦ କୋଟି ଟଙ୍କା ବକେୟା ପଡିଛି। ଏବେ ଏଫ୍‌ସିଆଇକୁ ଚାଉଳ ନେବାକୁ ମନା କରିଦିଆଯାଇଛି। ତେଣୁ ମିଲର୍ସଙ୍କଠାରୁ ଏଫ୍‌ସିଆଇ ଚାଉଳ ସଂଗ୍ରହ କରୁନାହିଁ। ମିଲର୍ସଙ୍କୁ ଟାର୍ଗେଟ କରି ପରୋକ୍ଷ ଭାବେ ଚାଷୀଙ୍କୁ ଲୁଟାଯାଉଛି।





ସମ୍ବଲପୁର ଫାର୍ମ ରୋଡ୍‌ସ୍ଥିତ ଏଫ୍‌ସିଆଇ ଅଫିସ ସମ୍ମୁଖ ସମାବେଶରେ ବିଜେଡି ନେତୃବୃନ୍ଦ।

ଭାଜପାର ଏଭଳି ଠକାମିକୁ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ଦଳ ଆନ୍ଦୋଳନକୁ ଓହ୍ଲାଇଛି। ସେହିପରି ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ କହିଥିଲେ, ଭାଜପା ଅଧୀନରେ ଥିବା ଏଫ୍‌ସିଆଇ ରାଜ୍ୟରେ ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ କରୁନାହିଁ। ଫଳରେ ଚାଷୀମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କେନ୍ଦ୍ର ନେତାମାନେ ଚାଷୀଙ୍କୁ ଶୋଷଣ କରିବାକୁ ଟଣ୍ଡେଇ (ଗୁଣି) ଭାବେ କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ଭାଜପା ନେତାମାନେ ଗୁଣିଆ ଭଳି ଅଭିନୟ କରୁଛନ୍ତି ବୋଲି କହିଥିଲେ। ସେହିପରି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ମୋତିଲାଲ ତନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ଷେତରାଜପୁର, ହୀରାକୁଦ, କଣ୍ଟାପାଲି ୩ ସ୍ଥାନରେ ଥିବା ଏଫ୍‌ସିଆଇ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୀନା ତନ୍ତି, ଦିଲୀପ ଦୁରିଆ, ଶୈଲେସ ଦାନି, ଭୁବନେଶ୍ୱର କିସାନ, ସଞ୍ଜୟ ବାବୁ, ସଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଝାରସୁଗୁଡାରେ ଧାରଣାରେ ବସିଥିବା ବିଜେଡି କର୍ମକର୍ତ୍ତା।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଝାରସୁଗୁଡ଼ା ଅଫିସ:** କେନ୍ଦ୍ର ଭାଜପା ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧକରି ଝାରସୁଗୁଡା ବିଜେଡି ତରଫରୁ ମଙ୍ଗଳବାର ସ୍ଥାନୀୟ ବାଲିଯୋରୀ ଏଫ୍‌ସିଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଫ୍‌ସିଆଇ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଧାରଣାସ୍ଥଳରେ ବିଜେଡିଜିଲା ସଭାପତିତଥା ବିଧାୟକ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ଏଥିରେ ଦଳୀୟ ନେତୃବୃନ୍ଦ ଦର୍ଶାଇଥିଲେ ଚଳିତବର୍ଷ ଖରିଫ୍ ଓ ରବି ଧାନ କିଣିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ୬ହଜାର ୭୫୦କୋଟି ଟଙ୍କା ଦେବା କଥା । ଏହି ଟଙ୍କା ଅଦ୍ୟାବଧି ଦେଇନାହାନ୍ତି। ସମୁଦାୟ ୨୦ଲକ୍ଷ ମେଟ୍ରିକ୍ ଟନ୍ ଗଚ୍ଛିତ ଚାଉଳରୁ କେନ୍ଦ୍ର ସରକାର ଅଦ୍ୟାବଧି ୧୩ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଛନ୍ତି। ବାକି ୭ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପଡିରହିଛି। ଧାନ କୁଇଣ୍ଟାଲ ପିଛା ୨୯ଶହ୫୦ଟଙ୍କା ଦାବି ହୋଇଆସୁଥିବାବେଳେ ଏ ଦିଗରେ କେନ୍ଦ୍ର ସରକାର ଶୁଣୁନାହାନ୍ତି। ଆନ୍ଦୋଳନରେ ଜିଲା ବିଜେଡି ସଭାପତି କିଶୋର ମହାନ୍ତି, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ଟିକେଶ୍ୱର ସେନାପତି, ତ୍ରିନାଥ ଗୁଆଲ, ମନରଞ୍ଜନ ମହାପାତ୍ର, ବେଣୁଗୋପାଳ ପାଣିଗ୍ରାହୀ, ରୁବିନା ଖାନ, ରଜନୀ ପଟେଲ, ତୁଳସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁ ଲାଗି ଦୋକାନ ଜଳିଗଲା

ଟିଟିଲାଗଡ଼,(ଡି.ଏନ.ଏ.): ଟିଟିଲାଗଡ ସହର ହାଟପଦା ପଡା ବଜାର ନିକଟରେ ଥିବା ପୌର ପରିଷଦ ଷ୍ଟଲ୍‌ରେ ମଙ୍ଗଳବାର ନିଆଁ ଲାଗି ଜଣେ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ବ୍ୟବସାୟୀ ଧୀରୁ ଅଗ୍ରୱାଲ ଏହି ଷ୍ଟଲ୍‌ରେ କିରାନା ସମେତ ପୂଜା ସାମଗ୍ରୀ ବିକ୍ରି କରୁଥିଲେ। ଅପରାହ୍ଣରେ ଅଚାନକ ଷ୍ଟଲ୍‌ରେ ନିଆଁ ଲାଗି ଯାଇଥିଲା। କୌଣସିମତେ ଧୀରୁ ଷ୍ଟଲ୍‌ରୁ ବାହାରି ଆସିବାରେ ସକ୍ଷମ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସବୁକିଛି ପୋଡି ଛାରଖାର ହୋଇଯାଇଥିଲା।

## ସଂକ୍ଷେପରେ

### ଚୋରି ବୁଲେଟ୍ ଜବତ, ୨ଗିରଫ

**ଅତାବିରା/ସରଣ୍ଡା,୨୦।୭(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଚୋରି ହୋଇଥିବା ଏକ ବୁଲେଟ୍ (ନଂ.ଓଡ଼ି୩୧/୦୧୧୧)କୁ ମଙ୍ଗଳବାର ଉଦ୍ଧାର କରିଛି। ଏହି ଚୋରି ଘଟଣାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୋଡ଼ବାଡ଼ି(ଝାଙ୍କରବାହାଲ)ର ସାନନ୍ଦ ସୁନା(୨୮) ଏବଂ ବରଗଡ଼ ସଦର ଥାନା ଅନ୍ତର୍ଗତ ଜି.ଡୁମ୍ବେରପାଲି ଗ୍ରାମର ସୁନୀଲ ବାରିକ(୨୩)। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୧୯୧/୨୧) ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

### ଖଡ଼ିଆଳ ବାର୍ ପକ୍ଷରୁ ସବ୍‌ଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୦।୭ (ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ କୋର୍ଟ ପରିସରେ ଜୁଡ଼ିସିଆଲ ବାର ପକ୍ଷରୁ ସବ୍‌ଜଜ୍ ଡଃ. ପ୍ରଦୀପ ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ସଂଘ ସଭାପତି ସନ୍ତୋଷ କୁମାର ମିଶ୍ର ଅଧକ୍ଷତା କରିଥିବା ବେଳେ ଖଡ଼ିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହାବିବୁର ରେହମାନ ସିଦ୍ଧିକି ଯୋଗ ଦେଇଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ମେହେର, ସାରଦା ପଣ୍ଡା, ଚିତ୍ତ ରଞ୍ଜନ ସିଂଦେଓ, ଭବେଶ ପାଣିଗ୍ରାହୀ, ପ୍ରତାପ ଜଗତ, ଯୁଧିଷ୍ଠିର ମେହେର, ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସମେତ ଅନେକ ଆଇନଜୀବୀ ଯୋଗଦେଇଥିଲେ। ସବ୍‌ଜଜ୍ ଡ.ପ୍ରଧାନଙ୍କୁ ଭୁବନେଶ୍ୱର ପ୍ରଟୋକଲ ଜଜ୍ ଭାବେ ବଦଳି ହୋଇଛି।

### ଟ୍ରେନ ଲାଇନରୁ ନାବାଳକଙ୍କ ମୃତଦେହ ଜବତ

**ନୂଆପଡ଼ା ଅଫିସ,୨୦।୭:** ନୂଆପଡା ସଦର ବ୍ଲକ ସିଆଲଲଟି ଗାଁ ନିକଟ ଟ୍ରେନ ଲାଇନରେ ଜଣେ ଅଜଣା ନାବାଳକଙ୍କ ମୃତଦେହ ଜବତ ହୋଇଛି। ନାବାଳକଙ୍କ କୌଣସି ପରିଚୟ ଏଯାଏ ମିଳିନାହିଁ। ସୋମବାର ସିଆଲଲଟି ଗାଁ ନିକଟରେ ଅଜଣା ନାବାଳକଙ୍କ ମୃତଦେହ ଟ୍ରେନ ଲାଇନରେ ପଡିଥିବା ଦେଖି ଗାଁ ଲୋକେ ରେଲୱେ ପୋଲିସକୁ ଖବର ଦେଇଥିଲେ। ଅପରାହ୍ଣରେ ରେଲୱେ ପୋଲିସ କର୍ମଚାରୀମାନେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡି ନାହିଁ।

### ସିନାପାଲି ମା' ଗୃହଠାରେ ଚାରା ରୋପଣ

**ନୂଆପଡ଼ା ଅଫିସ,୨୦।୭:** ନୂଆପଡା ଜିଲା ସିନାପାଲି ବ୍ଲକ ମା' ଗୃହଠାରେ ଖଡିଆଳ ଯ୍ୟାର ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯ୍ୟାର ଅନୁଷ୍ଠାନ ସଂଯୋଜକ ଅରୁଣ କୁମାର ବିଶ୍ୱାଲଙ୍କ ନେତୃତ୍ୱରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅବସ୍ଥିତ ମା' ଗୃହର ୧୦ ଗର୍ଭବତୀ ଓ ସହାୟୀକାଙ୍କ ମିଳିତ ଉଦ୍ୟମରେ ଜାମ, ଆମ୍ବ, ନିମ୍ବ, ଶାଗୁଆନ ଭଳି ଚାରା ରୋପଣ କରାଯାଇଛି। ଡଃ.ମନାଲି ପ୍ରିୟଦର୍ଶନୀ, ବିପିଏମ ସରିତା ବାରିକ, ରୋହିତ ନାଏକ, ଜ୍ୟୋତ୍ସ୍ନା ନିଆଲ ପ୍ରମୁଖ ସହଯୋଗ କରିଥିଲେ।

# ବର୍ଷା ନାହିଁ, ଚାଷ କାମ ପଛୁଆ

**ଦେଓଗାଁ ବ୍ଲକ**
- ଶୁଖି ଯାଇଥିବା ପହ୍ଲାଘାରିକୁ ଗୋରୁ ଚାଡ଼ିଦେଲେ ଚାଷୀ
- ବର୍ଷା ପାଇଁ ଚାଲିଛି ପ୍ରତି ଗାଁରେ ଇନ୍ଦ୍ରପୂଜା

ଦେଓଗାଁ, ୨୦।୭(ଡି.ଏନ.ଏ.)

ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ଖରିଫ ଧାନଚାଷ ପଛେଇ ଯାଇଛି। ଖରୁଡି ବୁଣା ହୋଇଥିବା ଧାନଖେତରେ ପାଣି ନ ଥିବାରୁ ବେଉଷଣ କାମ ଆରମ୍ଭ ହୋଇନାହିଁ । ଯେଉଁଠି ଯିଏ ବି ବେଉଷଣ କରିଥିଲେ ତାହା ମଧ୍ୟ ଟାଣ ଖରାରେ ନଷ୍ଟ ହେବାକୁ ବସିଲାଣି। ଅପରପକ୍ଷରେ ଧାନ ପହ୍ଲାଘରି ଠୋଠୋ ଶୁଖିଲା ପଡିଛି। କହିବାକୁ ଗଲେ ବର୍ଷାପାଣି ଉପରେ ନିର୍ଭର କରୁଥିବା ଦେଓଗାଁ ବ୍ଲକ ଅଞ୍ଚଳର ଚାଷୀ ଏବେ ଗଜା ମରୁଡିର ସମ୍ମୁଖୀନ ହୋଇଥିବା ଜଳଜଳ ଦେଖାଯାଉଛି। ଦେଓଗାଁ ବ୍ଲକରେ ମୋଟ ୨୦ହଜାର୧୭୫ହେକ୍ଟର ଚାଷ ଜମି ମଧ୍ୟରୁ ଚଳିତ ବର୍ଷ ୧୦ହଜାର ୫ଶହ ହେକ୍ଟର ଜମିରେ ଧାନଚାଷ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୪ହଜାର ୭୧୦ ହେକ୍ଟର ଜମିରେ ଡାଲି ଜାତୀୟ, ୨୩୫ହେକ୍ଟର ଜମିରେ ତୈଳବୀଜ, ୧୬୧୦ହେକ୍ଟର ଜମିରେ ତନ୍ତୁ ଜାତୀୟ, ୨୩୯୦ହେକ୍ଟର ଜମିରେ ପନିପରିବା, ୯୦ହେକ୍ଟର ଜମିରେ


କଛାରପାଲିର ଜଣେ ଚାଷୀଙ୍କ ଧାନପହ୍ଲା ଘାରି ପାଣି ଅଭାବରୁ ଶୁଖିଲା ପଡ଼ିଛି ।

ମସଲା ଓ ୩୫ହେକ୍ଟର ଜମିରେ ଆଖୁଚାଷ ପାଇଁ ଲକ୍ଷ୍ୟ ରହିଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୃଷି ଅଧିକାରୀଙ୍କ ମତ ଅନୁସାରେ ଆସନ୍ତା ୭ରୁ ୧୦ ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଧାନ ଫସଲ ନଷ୍ଟ ହୋଇଯିବ । ରେକର୍ଡ କରାଯାଇଥିବା ବୃଷ୍ଟିପାତ ଅନୁସାରେ ଗତ ବର୍ଷ ୨୦୨୦ ଜୁନ୍‌ରେ ୩୩୩.୬୦ମି.ମି. ଓ ଜୁଲାଇରେ ୨୩୯.୨୦ ମିମି ବର୍ଷା ହୋଇଥିଲା। ହେଲେ ଚଳିତ ବର୍ଷ ଜୁନ ମାସରେ୧୫୯.୪ ମି.ମି. ଏବଂ ଜୁଲାଇ ମାସ ୧୯ ତାରିଖ ସୁଦ୍ଧା ୧୦୦.୮ ମି.ମି. ରେକର୍ଡ ହୋଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ବର୍ଷା ପରିମାଣ ୫୦ପ୍ରତିଶତ କମ ରହିଛି । ବର୍ତ୍ତମାନ ଚାଷୀଙ୍କ ଗୋଟିଏ ଚିନ୍ତା କେତେବେଳେ ବର୍ଷା ହେବ । ଏଥିପାଇଁ ଅନେକ ଜାଗାରେ ଇନ୍ଦ୍ରଦେବଙ୍କ ପୂଜାର୍ଚ୍ଚନା ଚାଲିଛି। ଅନ୍ୟପକ୍ଷେ ବର୍ଷାଭାବରୁ ନଷ୍ଟ ହୋଇ ଯାଇଥିବା ପହ୍ଲାଘାରିକୁ ଗୋରୁ ଛାଡି ଦେଉଥିବା ମଧ୍ୟ ନଜରକୁ ଆସିଲାଣି। ଦେଓଗାଁ, କଛାରପାଲି, କୁତୁର୍ଲା, ଗାଇବାହାଲ, ବନ୍ଧପଡା, ସିକୁଆଁ, ସିଙ୍ଗାମୁଣ୍ଡା, ବ୍ରାହ୍ମଣୀଯୋର, ରାମଚନ୍ଦ୍ରପୁର, ଦେଷଣ୍ଡେ, ଉପରଝର, ମହଲାଇ, ମୁକୁନ୍ଦପୁର, ଉଡାର, ଜରାସିଂହା, ସାଲେପାଲି ଆଦି ପଞ୍ଚାୟତରେ ଖରିଫ ଚାଷ ଗଭୀରଭାବେ ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି। ଏ ନେଇ କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତାଙ୍କୁ ପଚାରିବାରୁ ଚଳିତ ବର୍ଷ ଅତିକମ୍ ବର୍ଷା ହୋଇଥିବାରୁ ଧାନ ଚାଷ କାମ ଧିମେଇ ଯାଇଛି। ଆଗକୁ ଭଲବର୍ଷା ନ ହେଲେ ଚାଷରେ ବ୍ୟାଘାତ ସୃଷ୍ଟିହେବା ସୁନିଶ୍ଚିତ ବୋଲି କହିଥିଲେ।

# ନାବାଳିକା ଅନ୍ତଃସତ୍ତ୍ୱା, ଯୁବକ ଗିରଫ

ଲାଠୋର, ୨୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଞ୍ଚଳର ଜଣେ ନାବାଳିକା(୧୫) ଏବେ ଛଅ ମାସର ଅନ୍ତଃସତ୍ତ୍ୱା। ଗର୍ଭବତୀ ହେବା ପରେ ଏବେ ତାଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଘଟଣାକୁ ନେଇ ଗ୍ରାମରେ ଏକାଧିକ ଥର ବୈଠକ ବସିଥିଲେ ମଧ୍ୟ ସମାଧାନର ବାଟ ଫିଟୁ ନ ଥିଲା। ଖବର ପାଇ ଖପ୍ରାଖୋଲ ସିଡିପିଓ ସୁଜାତା ଦୋରା ବଲାଙ୍ଗୀର କଲ୍ୟାଣ ଅନୁଷ୍ଠାନ ସମ୍ପାଦିକା ମିନାକ୍ଷୀ ପୁରୋହିତଙ୍କ ସହ ଯୋଗାଯୋଗ କରି ପୀଡିତା ନାବାଳିକାଙ୍କ ଘରେ ପହଞ୍ଚିଥିଲେ। ସେମାନଙ୍କ ସହ ସୁପରଭାଇଜର ଅଞ୍ଜଳି ମିଶ୍ର, ଅଙ୍ଗନୱାଡି କର୍ମୀ ସ୍ନେହଲତା ମିଶ୍ର, ଆଶାକର୍ମୀ ଗାୟତ୍ରୀ ସୂର୍ଯ୍ୟ ଓ ବଲାଙ୍ଗୀର ଚାଇଲଡ ଲାଇନର ସଦସ୍ୟମାନେ ସାମିଲ ହୋଇଥିଲେ। ପୀଡିତାଙ୍କ ସହ କଥାବାର୍ତ୍ତା ପରେ ସେମାନେ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଗ୍ରାମରେ ଏକ ବୈଠକ କରି ନାବାଳିକା ଓ ତାଙ୍କ ଗର୍ଭସ୍ଥ ଶିଶୁର ଯତ୍ନ ଓ ଥାଇଥାନ ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ପୀଡିତାଙ୍କୁ ଲାଠୋର ଥାନାକୁ ନେଇଥିଲେ। କଲ୍ୟାଣ ଅନୁଷ୍ଠାନ ସମ୍ପାଦିକା ପୁରୋହିତ ଏ ନେଇ ଏକ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୯୬/୨୧) ରୁଜୁ କରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ମଙ୍ଗଳବାର ନାବାଳିକାଙ୍କ ପାଟଣାଗଡ ଉପଖଣ୍ଡ ଡାକ୍ତରାଖାନାରେ ଡାକ୍ତରୀ ମାଇନା କରାଯାଇଥିଲା। ପ୍ରତି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ରହିଛି। କମିଟିରେ ସରପଞ୍ଚଙ୍କ ସହ ସମିତି ମେମ୍ବର, ୱାର୍ଡ ସଭ୍ୟାସଭ୍ୟ, ଆଶା ଏବଂ ଅଙ୍ଗନୱାଡି କର୍ମୀ ତଥା ବିଭିନ୍ନ ସଂପ୍ରଦାୟର ମହିଳା ପୁରୁଷ ରହିଛନ୍ତି । ଏହା ପରେ ମଧ୍ୟ ଏପରି ଘଟଣା ଘଟିବା ଏକ ଦୁଃଖଦ ଘଟଣା ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ବଲାଙ୍ଗୀର ଜିଲା ପ୍ରଶାସନ ଏଥିପ୍ରତି ଯତ୍ନବାନ ହୋଇ ପ୍ରଚାର ପ୍ରସାର ପ୍ରତି ଦୃଷ୍ଟି ନ ଦେଲେ ଏପରି ଘଟଣାର ପୁନରାବୃତ୍ତି ଘଟିବାଟାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଉଛି।

# ନିବୃତ୍ତି ଯୋରରୁ ଯୁବକଙ୍କ ଗଳିତ ମୃତଦେହ ଜବତ

- ୪ଦିନ ହେଲା ନିଖୋଜ ଥିଲେ
- ମୃତକଙ୍କ ସ୍ତ୍ରୀ କଲେ ହତ୍ୟା ଅଭିଯୋଗ

ତରଭା, ୨୦।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧିନ ସରଗଜ-ଜୁରାବନ୍ଧ ମଝିରେ ଥିବା ନିବୃତି ଯୋରରୁ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି । ମୃତକ ହେଲେ ଥାନା ଅଧୀନ ବ୍ରାହ୍ମଣୀ ଗ୍ରାମର ପ୍ରଶାନ୍ତ ସାହୁ(୩୫)। ଗତ ୧୭ତାରିଖ ରାତି ୧୦ଟାରୁ ସେ କେଉଁଆଡେ ନିଖୋଜ ହୋଇଯାଇଥିଲେ। ଏ ନେଇ ଗତ ୧୮ ତାରିଖରେ ପ୍ରଶାନ୍ତଙ୍କ ବାପା ବେଣୁଧର ସାହୁ ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହିଦିନ ପରିବାର ସଦସ୍ୟ ଓ ପୋଲିସ ଖୋଜାଖୋଜି କରିବା ପରେ ନିବୃତ୍ତି ଯୋର ବ୍ରିଜ ତଳ ଜୁରାବନ୍ଧ ନଦୀଘାଟ ରାସ୍ତାରେ ଥିବା ଏକ ବୁଦା ତଳେ ହିରୋହଣ୍ଡା ସିଡି ଡିଲକ୍ସ ଓଡି ୩୧ ଡି ୨୭୫୫ ପଡିଥିବା ଦେଖିଥିଲେ। ବାଇକ ପ୍ରଶାନ୍ତଙ୍କର ବୋଲି ଜଣାପଡିଥିଲା। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ବ୍ରିଜଠାରୁ ପ୍ରାୟ ୩୦୦ ମିଟର ଦୂର ପାଣିରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ କମସରା ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତକଙ୍କ ପରିବାର ଲୋକେ ଏହା ପ୍ରଶାନ୍ତଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ । ଅପରାହ୍ଣରେ ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ତରଭା ଥାନା ଆଇଆଇସି ନିରଞ୍ଜନ ଦାସ, ଏସଆଇ ଆରତୀ କହଁର ଏବଂ ବଲାଙ୍ଗୀରରୁ ସାଇଣ୍ଟିଫିକ ଦଳ ଆସି ସରଜମିନ ତଦନ୍ତ କରିଥିଲେ । ମୃତକଙ୍କ ସ୍ତ୍ରୀ ଅଞ୍ଜଳି ସାହୁ ତାଙ୍କ ସ୍ୱାମୀଙ୍କୁ ଜୁରାବନ୍ଧ ଗ୍ରାମର ତିନିଜଣ ବ୍ୟକ୍ତି ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦଫା ୩୦୨,୨୦୧ରେ ଏକ ମାମଲା(ନଂ. ୧୪୧/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ଆଇଆଇସି ଦାସ କହିଛନ୍ତି। ତେବେ ଅଭିଯୋଗ ଆଧାରଣରେ ତଦନ୍ତ ଚାଲିଛି, ଯେଉଁମାନେ ଏହି ହତ୍ୟାକାଣ୍ଡରେ ଲିପ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିଷାକ୍ତ ଖାଦ୍ୟ ଖାଇ ଭାଲୁ ମୃତ

ବୌଦ୍ଧ,୨୦।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରରାମଚନ୍ଦ୍ରପୁର ଗ୍ରାମ ନିକଟରେ ମଙ୍ଗଳବାର ଏକ ଭାଲୁର ମୃତଦେହ ଠାବ ହୋଇଛି। ଖବର ପାଇ ବୌଦ୍ଧ ବନବିଭାଗ କର୍ମଚାରୀମାନେ ପହଞ୍ଚି ଭାଲୁର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କୌଣସି ବିଷାକ୍ତ ଖାଦ୍ୟ ଖାଇ ଭାଲୁର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ସୂଚନା ମୁତାବକ, ଭାଲୁଟି ଗାଁ ନିକଟରେ ମୃତ ଅବସ୍ଥାରେ ପଡିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଏସିଏଫ ରାଜେନ୍ଦ୍ର ଗୋଛାୟତ, ଫରେଷ୍ଟର ସ୍ୱାଧୀନ ସାମଲ, ରେଞ୍ଜର ପ୍ରଦୀପ ବେହେରା, ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳକୁ ଯାଇଥିଲେ। ଫସଲର ସୁରକ୍ଷା ପାଇଁ କେହି ଭାଲୁକୁ ବିଷାକ୍ତ ଖାଦ୍ୟ ଦେଇଥିବାର ସନ୍ଦେହ କରାଯାଉଛି।

# ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳନ


ବୁଣାକାର କସ୍ତୁରୀ ମେହେରଙ୍କୁ ସମ୍ମାନିତ କରାଯାଉଛି।

ସୋନପୁର,୨୦।୭(ନି.ପ୍ର.)

ନାବାର୍ଡ ତରଫରୁ ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ କୃଷି ଓ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ସେବାକୁ ସ୍ମରଣ କରିବା ପାଇଁ ମଙ୍ଗଳବାର ଦେଶବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁରରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ମଜବୁତ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ ଓ କୃଷି ଉତ୍ପାଦକ କମ୍ପାନୀଗୁଡିକୁ ପ୍ରୋତ୍ସାହିତ ଭଳି ଜିଲାର ବିଭିନ୍ନ କ୍ଷେତ୍ରରେ ନିଆ ଯାଇଥିବା ପ୍ରୟାସକୁ ଦାଶ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଜିଏମ୍ ନାବାର୍ଡ ତାପସ ଶଙ୍କର ରାଉତ, ଲିଡ୍ ବ୍ୟାଙ୍କ ପ୍ରତିନିଧି ଦିଲ୍ଲିପ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ବ୍ଲକ ବେହେରାମାଲର ପ୍ରଗତିଶୀଳ ବୁଣାକାର କସ୍ତୁରୀ ମେହେରଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ମେହେର ନାବାର୍ଡର ଓଏଫପିଓ(ଅଫ ଫାର୍ମ ପ୍ରଡ୍ୟୁସର କମ୍ପାନୀ)ର ସହାୟତାରେ ନିଜର ଦକ୍ଷତା ଓ ଡିଜାଇନିଂରେ ଇନ୍ନତି ଆଣି ପାରିଛନ୍ତି। କସ୍ତୁରୀ ରାଜ୍ୟର ୩୦ ଜଣଙ୍କ ମଧ୍ୟରେ ରହି ଜିଲା ପାଇଁ ସଫଳତା ଆଣିଥିବା ଜଣାପଡିଛି।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପ୍ରସଙ୍ଗ ଉଠିଲା

**ଦେଓଗାଁ ସିଏଚ୍‌ସି ରୋଗୀ କଲ୍ୟାଣ ସମିତି ବୈଠକ**

ଦେଓଗାଁ, ୨୦।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେନ୍ଦ୍ର କୁମାର ପାରକିଆଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କୁମୁଦ ରଞ୍ଜନ ନାଏକ ବିବରଣୀ ପାଠ କରିଥିଲେ । ବୈଠକରେ କମିଟି ସଦସ୍ୟ ବିଡିଓ ମୁରଲୀଧର ନାଏକ, ବିଇଓ ସଂକୀର୍ତ୍ତନ ବାଗ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ, ରାମ୍‌ଜୀ ଚୌଧୁରୀ, ସ୍ନେହଲତା ସାହୁ, ଦୁର୍ଗାପ୍ରସାଦ ସିଂଦେଓ, ମୟ ପ୍ରଧାନୀ ଯୋଗଦେଇଥିଲେ। ଚଳିତ ୨୦୨୧-୨୨ବର୍ଷ ପାଇଁ ହାତକୁ ନିଆଯାଇଥିବା ୫ଲକ୍ଷ ଟଙ୍କାର ବଜେଟ ଉପସ୍ଥାପନ କରାଯାଇଥିଲା। ଏହି ଗୋଷ୍ଠୀ



ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ।

ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅଞ୍ଚଳବାସୀ ପ୍ରକୃତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା କମିଟି ସଦସ୍ୟମାନେ ଅଭିଯୋଗ କରିଥିଲେ। ବିଧାୟକ ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମ୍‌ରେ ଶିଶୁରୋଗ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ଏବଂ ଦନ୍ତରୋଗ ବିଶେଷଜ୍ଞ ନିଯୁକ୍ତି ସହ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇ ଦେବାପାଇଁ ପ୍ରସ୍ତାବ ଦେବାକୁ କହିଥିଲେ। କରୋନା ସମୟରେ ଗ୍ରାମାଞ୍ଚଳରେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇ ନାହିଁ। ଏଥିସହ ରାତ୍ରି ସମୟରେ ଚିକିତ୍ସାଳୟରେ କେହି ରହୁ ନ ଥିବା ସଦସ୍ୟ ମୟ ପ୍ରଧାନୀ ଅଭିଯୋଗ କରିଥିଲେ। ଆଶୀର୍ବାଦ ଯୋଜନା ବିଷୟରେ ଯୋଗ୍ୟ ପରିବାରକୁ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ ରାମ୍‌ଜୀ ଚୌଧୁରୀ। ପରେ ବିଧାୟକଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ସମିତି ସଭ୍ୟ ଜନ୍ମେଜୟ ସାହୁ, ବିଶ୍ୱଜିତ ପାତ୍ର, କୁନା ସାହୁ, ସମୀର ସାହୁ ଉପସ୍ଥିତ ଥିଲେ। ଶେଷରେ ସୁପରଭାଇଜର ହୃଷୀକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କଡ଼ା ସୁରକ୍ଷା ମଧ୍ୟରେ ବାହୁଡ଼ା ଯାତ୍ରା

ବୌଦ୍ଧ,୨୦।୭(ସ୍ୱ.ପ୍ର.)

ବୌଦ୍ଧ ସହରରେ କଡା ସୁରକ୍ଷା ମଧ୍ୟରେ ମଙ୍ଗଳବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। କରୋନା ପାଇଁ ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିରଠାରୁ ୨୦୦ ମିଟର ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। କେବଳ ଅନୁମତିପ୍ରାପ୍ତ ୧୫ଜଣ ବ୍ରାହ୍ମଣ ସେବକଙ୍କୁ ମନ୍ଦିର ଭିତରକୁ ଛଡା ଯାଇଥିବା ବେଳେ ଠାକୁରମାନଙ୍କୁ ଗୋଟି ପହଣ୍ଡିରେ ନିଆଯାଇଥିଲା। ମା' ଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ଭେଟ ପରେ ଠାକୁରମାନଙ୍କୁ ରତ୍ନ ସିଂହାସନକୁ ନିଆ ନ ଯାଇ ମନ୍ଦିର ଭିତରେ ରଖାଯାଇଥିଲା। ଏକାଦଶୀରେ ଫୁଲବେଶ କରାଯାଇ ଠାକୁରମାନଙ୍କୁ ରତ୍ନ ସିଂହାସନକୁ ନିଆଯିବ ବୋଲି ଜଣାଯାଇଛି। ବାହୁଡା ପହଣ୍ଡି ସମୟରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଅଶ୍ୱିନୀ କୁମାର ମେହେର, ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି,ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଓ ଥାନା ଅଧିକାରୀ ତପସ୍ୱିନୀ କହଁର ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ଜବତ, ୨ ଗିରଫ

ଅତାବିରା/ସରଣ୍ଡା,୨୦।୭(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ସୋମବାର ୫ଗ୍ରାମ ୮୫୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ବାଞ୍ଜିପଡ଼ାର ପ୍ରବଜିତ ସିଂ(୩୨) ଏବଂ ଦଶରଥ ବାରିକ(୩୨)। ସେମାନଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି୧୭/୦୬୮୭) ଜବତ୍ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା


ଜବତ ବ୍ରାଉନ ସୁଗାର।

(ନଂ.୧୯୨/୨୧) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଅତାବିରା ଥାନାଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି।

# ବୀମା ରାଶି ପ୍ରଦାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

ନୂଆପଡା ଅଫିସ/ଖଡିଆଳ, ୨୦।୭ (ଡି.ଏନ.ଏ.)

୨୦୨୦ ଖରିଫ ଋତୁର ବୀମା ରାଶି ପ୍ରଦାନ ଦାବି କରି ନୂଆପଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଖଡିଆଳ ବ୍ଲକ ଖାସବାହାଲ ଗାଁର ଚାଷୀ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଚାଷୀମାନେ ଭେଟିଥିଲେ। ଧାନ ଅମଳ ସମୟରେ ପ୍ରବଳ ବର୍ଷା ଏବଂ ବନ୍ୟଜନ୍ତୁଙ୍କ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ନିୟମାନୁସାରେ ବୀମା ରାଶି ପ୍ରଦାନ କରିବାକୁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେବାକୁ ଚାଷୀମାନେ ଜିଲାପାଳଙ୍କୁ ଅନୁରୋଧ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ଏହି ପଞ୍ଚାୟତରେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ କୃଷି ବିଭାଗ ଓ କମ୍ପାନୀ ପକ୍ଷରୁ କ୍ରପ୍‌କଟିଂ କରାଯାଇଥିଲା। ଧାନ ଓଜନ କମ ଆସିବାରୁ ବୀମା କମ୍ପାନୀ ଜିଲା ପ୍ରତିନିଧି ଅଧିକ ଓଜନ ଦେଖାଇବା ପାଇଁ ଚାହୁଁଥିଲେ। ଏହାକୁ ଚାଷୀମାନେ ପ୍ରତିବାଦ କରିବାରୁ ୨ ଲକ୍ଷ ଟଙ୍କା ଦେଲେ ବୀମା ମିଳିବ ନ ହେଲେ ପାଇବ ନାହିଁ ବୋଲି ବୀମା କମ୍ପାନୀ ପ୍ରତିନିଧି କହିଥିଲେ। ସରକାରଙ୍କ ଦ୍ୱାରା ମରୁଡି ମଧ୍ୟ ଘୋଷଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚାଷୀ ମରୁଡି ସହାୟତା ପାଇନାହାନ୍ତି। ଏ ସଂକ୍ରାନ୍ତରେ ଚାଷୀ ଅନେକ ଥର ଆନ୍ଦୋଳନ କରି ଜିଲାପାଳଙ୍କୁ ଗୁହାରି ମଧ୍ୟ କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ଚାଷୀଙ୍କୁ ତୁରନ୍ତ ବୀମା ରାଶି ପ୍ରଦାନ କରିବା ଓ ବୀମା କମ୍ପାନୀ ପ୍ରତିନିଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଜିଲାପାଳଙ୍କୁ ଭେଟିବାକୁ ଧରଣୀ ବେହେରା, ଅରବିନ୍ଦ ବେହେରା, ହେମନ୍ତ ବେହେରା, କ୍ଷୀରସିନ୍ଧୁ ଶଗରିଆ, କୁନାଲ ଚରଣ ବେହେରା, ମନୋଜ ବେହେରା, ସୁଶାନ୍ତ ବେହେରା ପ୍ରମୁଖ ଚାଷୀ ଅସିଥିଲେ। ଏ ସଂକ୍ରାନ୍ତରେ ପଚାରିବାରୁ ତାଙ୍କର ସର୍ଭେ ରିପୋର୍ଟ ଆସିନାହିଁ। ଆସିବା ପରେ ତୁରନ୍ତ ବୀମା ରାଶି ପ୍ରଦାନ କରାଯିବ ବୋଲି ନୂଆପଡା ଜିଲାପାଳ କହିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଖଡିଆଳ ବ୍ଲକ ଖାସବାହାଲ ଗାଁର ଚାଷୀମାନେ ଆସିଛନ୍ତି।

# ଉଚ୍ଚକ୍ଷମତା ସମ୍ପନ୍ନ ବିଜୁଳିବତି ଅଚଳ

- ହାତୀ ଉପଦ୍ରବରୁ ସୁରକ୍ଷା ଦେବା ପାଇ ଲଗାଇଥିଲା ବନ ବିଭାଗ
- ୮ବର୍ଷ କାଳ ଅଚଳ ପରେ ବି ହେଉନି ମରାମତି

ଲୋଇସିଂହା, ୨୦।୭(ଡି.ଏନ.ଏ.)

ହାତୀ ଉପଦ୍ରବରୁ ରକ୍ଷା ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଭାଲୁପାଲି ଗାଁରେ ଉଚ୍ଚକ୍ଷମତା ସମ୍ପନ୍ନ ବିଜୁଳି ବତୀ ଲଗାଯାଇଛି। ହେଲେ ରକ୍ଷଣାବେକ୍ଷଣ ଅଭବାରୁ ଗତ ୮ବର୍ଷ ହେଲା ଏହା ଅଚଳ ହୋଇ ପଡିଛି । ଏହାକୁ କାର୍ଯ୍ୟକ୍ଷମ ପାଇଁ ଗ୍ରାମବାସୀ ବନ ବିଭାଗ, ବିଦ୍ୟୁତ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଲେ ସୁଦ୍ଧା ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଧୀନ ଭାଲୁପାଲି ଗାଁକୁ ସଂଲଗ୍ନ କରି ରମାଇ ପାହାଡ ଏବଂ ବିଶାଳ ଜଙ୍ଗଲ ଲାଗି ରହିଛି। ଉକ୍ତ ଜଙ୍ଗଲ ଆଗଲପୁର ବ୍ଲକ କୁଟାସିଂହା ନିକଟ ସିଂଜୁରୀ ସଂରକ୍ଷିତ ଜଙ୍ଗଲ ସହ ସଂଯୋଗ ରହିଛି । ସମ୍ପୃକ୍ତ


ଅଚଳ ହୋଇ ପଡିଥିବା ବିଜୁଳି ବତୀ।

ଅଞ୍ଚଳ ଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ହାତୀପଲଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ହାତୀ ଉପଦ୍ରବ ଯୋଗୁଁ ପ୍ରତିବର୍ଷ ଫସଲ ନଷ୍ଟ ସହ ଧନ ଜୀବନ ନଷ୍ଟ ହୋଇ ଆସୁଛି । ଗ୍ରାମବାସୀଙ୍କୁ ହାତୀ ଉପଦ୍ରବରୁ ସୁରକ୍ଷା ଦେବା ପାଇଁ ବନବିଭାଗ ପକ୍ଷରୁ ୨୦୧୨ ଫେବୃୟାରୀ ମାସରେ କଦଳୀପାଲି-ଯୋଗୀସର୍ଡା-ଭାଲିଆମୁଣ୍ଡା ଯିବା ରାସ୍ତାର ଭାଲୁପାଲି ତ୍ରିକୋଣୀୟ ଛକରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଜୁଳି ବତି ସ୍ଥାପନ କରାଯାଇଥିଲା । ପ୍ରାୟ ଏକ ବର୍ଷ କାର୍ଯ୍ୟକ୍ଷମ ହେବା ପରେ ତାହା ଅଚଳ ହୋଇ ପଡିଥିଲା। ଏହାକୁ ସଜାଡିବା ପାଇଁ ଗ୍ରାମବାସୀ ବନ ବିଭାଗ, ବିଦ୍ୟୁତ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଛନ୍ତି। ହେଲେ କୌଣସି ବିଭାଗ ଏଥିପ୍ରତି ଯତ୍ନବାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୌଣସି ଦୁର୍ଘଟଣା ଘଟିଲେ ଏଥିପାଇଁ ପ୍ରଶାସନ ଦାୟି ରହିବେ ବୋଲି ଗାଁର ରଘୁନାଥ ନାୟକ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।